## ସଂକ୍ଷେପରେ

### ଆଜି ମା' କାଲୁଣୀ ଦେବୀଙ୍କ ଯାତ୍ରା

ବଅଁରପାଳ, ୧୯।୮ (ଡି.ଏନ୍.ଏ)- ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଜରଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କାଲୁଣୀ ଦେବୀଙ୍କ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହେବ। ଏହି ଯାତ୍ରା ଦୁଇ ଦିନ ଧରି ପାଳିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଯାତ୍ରା ପାଇଁ ସମଗ୍ର ଗାଁ ଚଳଚଞ୍ଚଳ ହୋଇପଡ଼ିଛି। ଠାକୁରାଣୀଙ୍କ ଯାତ୍ରାକୁ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ଗ୍ରାମବାସୀ ଲାଗି ପଡ଼ିଛନ୍ତି। ଏହି ଯାତ୍ରା ଗ୍ରାମର ମୁଖ୍ୟ ପର୍ବ। ଯାତ୍ରାରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ମାନସିକ ପାଇଁ ବହୁ ଭକ୍ତ ଅଧିଆ ପଡ଼ିଥାନ୍ତି। ଯାତ୍ରାରେ ବିଭିନ୍ନ କିସମର ଦୋକାନ ବଜାର ପଡ଼ିଥାଏ। ସକାଳେ ଗ୍ରାମର ଗ୍ରାମଦେବୀଙ୍କ ଠାରେ ପୂଜାର୍ଚ୍ଚନା ପରେ ଦିଅଁଘରୁ ବାଦ୍ୟ ବାଜଣା ସହକାରେ ଠାକୁରଙ୍କ ଆଲମକୁ ଶୋଭାଯାତ୍ରାରେ ପୀଠସ୍ଥଳୀକୁ ଅଣାଯାଇଥାଏ। ଅପରାହ୍ନରେ ମା'ଙ୍କ ମାଜଣା ପର୍ବ ପରେ ରାତିରେ ବଡ଼ ପୂଜା ସମ୍ପନ୍ନ ହୋଇଥାଏ। ଯାତ୍ରାର ଦ୍ୱିତୀୟ ଦିବସରେ ଭକ୍ତମାନେ ଠାକୁରଙ୍କ ଠାରେ ପୂଜାର୍ଚ୍ଚନା କରି ଭୋଗ ଲଗାଇଥାନ୍ତି।

### ଖଣି ବନ୍ଦ ଆନ୍ଦୋଳନ ସ୍ଥଗିତ

ତାଳଚେର, ୧୯।୮(ନି.ପ୍ର.)- ଭରତପୁର କୋଇଲା ଖଣି ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ଓ ନିଯୁକ୍ତି ଦେବାରେ ଏମସିଏଲ ବିଫଳ ହେବା ଅଭିଯୋଗ କରି ପ୍ରତିବାଦରେ ମଙ୍ଗଳବାରଠାରୁ ତାଳଚେର କୋଲ ଫିଲ୍ଡସରେ ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବାକୁ ସ୍ଥିର ହୋଇଥିଲେ ହେଁ ଏହାକୁ ସ୍ଥଗିତ ରଖାଯାଇଛି। ସୋମବାର ସନ୍ଧ୍ୟାରେ ଏମସିଏଲର ଏଠାରେ ଥିବା ଜଗନ୍ନାଥ ଗେଷ୍ଟ ହାଉସଠାରେ ପ୍ରଶାସନ ପକ୍ଷରୁ ଏକ ସମାଧାନ ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ସମସ୍ତ କୋଇଲା ଖଣିର ପଦାଧିକାରୀ, ସୁରକ୍ଷା ମଞ୍ଚର ସଦସ୍ୟ ଯୋଗ ଦେଇ ଥିଲେ। ଆଲୋଚନା ପରେ ଖଣି କର୍ତ୍ତୃପକ୍ଷ କ୍ଷତିପୂରଣ ଓ ନିଯୁକ୍ତି ଦେବାକୁ ମାସେ ସମୟ ମାଗିଥିଲେ। ଏଥିରେ ସୁରକ୍ଷା ମଞ୍ଚ ସହମତି ପ୍ରକାଶ କରି ମାସେ ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ମଞ୍ଚ ସଭାପତି ମୁରଲୀ ଧର ସାହୁ ପ୍ରକାଶ କରିଛନ୍ତି।

### ଭତ୍ତା ଓ ଆବାସ ଗୃହ ବଣ୍ଟନ

ମାଧପୁର,୧୯।୮-ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତରେ ସୋମବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ସାଏ ମାଧପୁର ଅଞ୍ଚଳରେ ଥିବା ୯ଟି ପଞ୍ଚାୟତର ୨୨୫ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେହିପରି ପୁରୁଣାମାଣତ୍ରୀ ପଞ୍ଚାୟତର ୩୬, କୁଦଗାଁ ପଞ୍ଚାୟତର ୨୭, ମାଧପୁର ପଞ୍ଚାୟତର ୨୦, କମ୍ପଲା ପଞ୍ଚାୟତର ୧୫, ଲୁଣହାଣ୍ଡି ପଞ୍ଚାୟତର ୧୬, କନ୍ଧପଡ଼ା ପଞ୍ଚାୟତର ୩୨, ବାସୁଦେବପୁର ପଞ୍ଚାୟତର ୨୦, କିଆକଟା ପଞ୍ଚାୟତର ୩୫, ଟୁସର ପଞ୍ଚାୟତର ୪୩ ଏପରି ମୋଟ୍ ୨୪୪ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ।

■ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଏମିତି

# ଶିକ୍ଷକ କରୁଛନ୍ତି କିରାଣି କାମ

(ଅମିତ କୁମାର ସାମଲ)
ଅନୁଗୋଳ ଅଫିସ, ୧୯।୮

ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବା ରାଜ୍ୟ ସରକାର ଅନୁଗୋଳ ଜିଲାରେ ୩ ବର୍ଷ ହେଲା ଶିକ୍ଷକ ନିଯୁକ୍ତି ଦେଇନାହାନ୍ତି। ଏପରି କି ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରେ ୮୩ ଶିକ୍ଷକଙ୍କ ନିଯୁକ୍ତିକୁ ମଧ୍ୟ ବନ୍ଦ କରିଛନ୍ତି। ପ୍ରତିବର୍ଷ ବହୁ ଶିକ୍ଷକ, କର୍ମଚାରୀ ଅବସର ନେଉଥିବା ବେଳେ ନୂଆ ନିଯୁକ୍ତି ଦିଆ ନ ଯିବା ଜିଲାର ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାକୁ ଗଭୀର ପ୍ରଭାବିତ କରିଛି। ଜିଲାର ୧୩୧ ସରକାରୀ ହାଇସ୍କୁଲ ମଧ୍ୟରୁ କେବଳ ୨୨ଟିରେ ପ୍ରଧାନ ଶିକ୍ଷକ ଥିବା ବେଳେ ୪୨୧ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିପରି ବହୁ ସ୍କୁଲରେ କିରାଣି, ପିଅନ ନ ଥିବାରୁ ସେଠାରେ ଥିବା ଶିକ୍ଷକଙ୍କୁ ସେହି କାମ କରିବାକୁ ପଡୁଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ଅନୁଗୋଳ ଜିଲାରେ ଗଣଶିକ୍ଷା ବିଭାଗ ଅଧୀନରେ ମୋଟ ୨୪୩ଟି ହାଇସ୍କୁଲ ରହିଛି। ସେଥିମଧ୍ୟରୁ ୧୫ଟି ପୁରାତନ ହୋଇଥିବା ବେଳେ ୯୫ଟି ନୂତନ ଓ ୨୧ଟି ଉନ୍ନୀତ ହାଇସ୍କୁଲକୁ ମିଶାଇ ମୋଟ୍ ୧୩୧ଟି ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ସେହିପରି ବ୍ଲକ ଗ୍ରାଣ୍ଟ ସ୍କୁଲ ଓ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ସଂଖ୍ୟା ୯୮ ଏବଂ ଅନୁଦାନ ପ୍ରାପ୍ତ ୧୪ଟି ହାଇସ୍କୁଲ ଅଛି। ତେବେ ଏସବୁ ମଧ୍ୟରୁ ବହୁ ହାଇସ୍କୁଲରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଛି। କିଶୋରନଗର ବ୍ଲକରେ ଥିବା ସରକାରୀ ହାଇସ୍କୁଲଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏରେ ବି ପ୍ରଧାନ ଶିକ୍ଷକ ନାହାନ୍ତି। ସେହିପରି ଆଠମଲ୍ଲିକ ବ୍ଲକରେ ଥିବା ହାଇସ୍କୁଲ ମଧ୍ୟରୁ ମାତ୍ର ଗୋଟିଏରେ ଜଣେ ପ୍ରଧାନ ଶିକ୍ଷକ ଥିବାବେଳେ ବଅଁରପାଳ ବ୍ଲକରେ ୩ ଜଣ, ଛେଣ୍ଡିପଦାରେ ୩, ଅନୁଗୋଳ ବ୍ଲକରେ ୪, ତାଳଚେରରେ ୨, ପାଲଲହଡ଼ାରେ ୪ ଓ କଣିହାଁ ବ୍ଲକରେ ଥିବା ହାଇସ୍କୁଲଗୁଡ଼ିକ




**୨୦୧୬ ପରଠୁ ଶିକ୍ଷକ ନିଯୁକ୍ତି ଦିଆଯାଇନି**



"ପ୍ରତିବର୍ଷ ଶିକ୍ଷକ ଓ କର୍ମଚାରୀମାନଙ୍କ ଅବସର ଯୋଗୁ ବିଦ୍ୟାଳୟ ଗୁଡ଼ିକରେ ବହୁ ପଦବୀ ଖାଲି ହେଉଛି। ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଉଛି। କିନ୍ତୁ ୨୦୧୬ ପର ଠାରୁ ଜିଲାରେ ଆଉ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଫଳରେ ସମସ୍ୟା ଉପୁଜିଛି। ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ପୂରଣ ପାଇଁ ସରକାରଙ୍କ ନିକଟକୁ ଚିଠି କରାଯାଇଛି।

– ସଚ୍ଚିଦାନନ୍ଦ ବେହେରା, ଜିଲା ଶିକ୍ଷା ଅଧିକାରୀ

ମଧ୍ୟରୁ ୫ଟିରେ ପ୍ରଧାନ ଶିକ୍ଷକ କାର୍ଯ୍ୟ କରୁଛନ୍ତି। କେବଳ ପ୍ରଧାନଶିକ୍ଷକ ନୁହନ୍ତି, ଜିଲାରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ କମ୍ ରହିଛି। ବିଷୟଭିତ୍ତିକ ଶିକ୍ଷକ ଓ ପିଇଟି ଆଦିରେ ପ୍ରାୟ ୧୮୬୭ ଶିକ୍ଷକଙ୍କ ଆବଶ୍ୟକତା ରହିଛି। କିନ୍ତୁ ବର୍ତ୍ତମାନ ମାତ୍ର ୧୪୪୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ସେହିଭଳି ୧୨୯ ଜଣ କିରାଣିଙ୍କ ସ୍ଥାନରେ ୮୫ ଜଣ ଓ ୨୫୯ ପିଅନଙ୍କ ସ୍ଥାନରେ ୧୬୨ ଜଣ ଅଛନ୍ତି। ୧୦୧ ଜଣ ରାତି ଜଗୁଆଳି ପଦବୀ ଥିଲେ ବି ମାତ୍ର ୬୬ ଜଣ କାର୍ଯ୍ୟରତ ଅଛନ୍ତି। ଏପରି କି ୮ଟି ବ୍ଲକ ମଧ୍ୟରୁ ଗୋଟିଏରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏଯାଏ ନିଯୁକ୍ତି ଦିଆଯାଇ ନାହିଁ। ଜିଲାରେ ଦ୍ୱିତୀୟ ଶ୍ରେଣୀ ଓଡ଼ିଶା ଶିକ୍ଷା ସେବା(ଓଇଏସ୍) ପଦବୀ ୧୦ ଥିବା ବେଳେ ବର୍ତ୍ତମାନ ମାତ୍ର ୩ ଜଣ ଏହି ପଦବୀରେ ରହିଛନ୍ତି। ବିଭିନ୍ନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ

■୧୩୧ ସରକାରୀ ସ୍କୁଲକୁ ୨୨ ପ୍ରଧାନ ଶିକ୍ଷକ

■ଖାଲି ପଡ଼ିଛି ୪୨୧ ଶିକ୍ଷକ ଶିକ୍ଷୟିତ୍ରୀ ପଦବୀ

■ଅବସର ସ୍ଥାନରେ ଦିଆଯାଉନି ନୂଆ ନିଯୁକ୍ତି

ପଦ ପୂରଣ ହେଉ ନ ଥିବାରୁ ସେଠାରେ ସହକାରୀ ଶିକ୍ଷକ ଦାୟିତ୍ୱ ସମ୍ଭାଳୁଛନ୍ତି। ଫଳରେ ଦୁଇଟିଯାକ କାର୍ଯ୍ୟକୁ ସେମାନେ ଠିକ୍ ଭାବେ କରିପାରୁ ନ ଥିବା ବେଳେ ଅନେକ କ୍ଷେତ୍ରରେ ସହକର୍ମୀମାନେ ମଧ୍ୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଆବଶ୍ୟକ ସହଯୋଗ କରୁ ନ ଥିବା ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହେଉଛି। ଏହାର ପ୍ରଭାବ ସିଧାସଳଖ ଶିକ୍ଷାଦାନ ଉପରେ ପଡୁଛି।

**ଶିକ୍ଷକଙ୍କୁ ଦୋଷ ସମସ୍ୟାର ସମାଧାନ ନୁହେଁ**



"ଶିକ୍ଷକ, ପ୍ରଧାନଶିକ୍ଷକ ନିଯୁକ୍ତି, ଶିକ୍ଷକମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରୁ ନିବୃତ୍ତ କରିବା, ସମାନ କାମକୁ ସମାନ ଦରମା ଆଦି ଦାବି ସମ୍ପର୍କରେ ବାରମ୍ବାର ଆଲୋଚନା ହୋଇଛି। ଏ ନେଇ ସରକାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ଜିଲାରେ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେବଳ ଶିକ୍ଷକମାନଙ୍କ ଉପରେ ସମସ୍ତ ଦୋଷ ଲଦି ଦେଲେ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏଥିପାଇଁ ସରକାରଙ୍କ ଆନ୍ତରିକ ଉଦ୍ୟମ ଆବଶ୍ୟକ।

–ସରୋଜ କୁମାର ପାଣିଗ୍ରାହୀ
ରାଜ୍ୟ ସଭାପତି, ଓଷ୍ଟା

**ପ୍ରଭାବିତ କରୁଛି ଅଣଶୈକ୍ଷିକ କାର୍ଯ୍ୟ**



"ପ୍ରତି ମାସରେ କିଛି ଶିକ୍ଷକ, କର୍ମଚାରୀ ଅବସର ନେଉଛନ୍ତି। ହେଲେ ସେମାନଙ୍କ ସ୍ଥାନରେ ବର୍ଷ ବର୍ଷ ଧରି ନୂଆ ନିଯୁକ୍ତି ହୋଇପାରୁନାହିଁ। ଫଳରେ ଜିଲାରେ ଶିକ୍ଷକ ଓ କର୍ମଚାରୀ ସଂଖ୍ୟା ହ୍ରାସ ପାଉଥିବା ବେଳେ ସେମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯିବା ଅନୁଚିତ। ଏଥିଯୋଗୁ ଶିକ୍ଷକମାନେ ଅଧିକ ଚାପରେ ରହୁଛନ୍ତି। ଏହା ମାଧ୍ୟମିକ ଶିକ୍ଷା କ୍ଷେତ୍ରକୁ ପ୍ରଭାବିତ କରୁଛି। ତୁରନ୍ତ ଏ ସମସ୍ୟାର ସମାଧାନ ଆବଶ୍ୟକ।

–ଦୁର୍ଗାଚରଣ ବିଶୋଇ
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଚମ୍ପତିମୁଣ୍ଡା

**ସରକାରୀ କାଗଜପତ୍ରରେ ସମୟ ଯାଉଛି**



"ଅନୁଗୋଳ ଜିଲାରେ ମାଧ୍ୟମିକ ସ୍କୁଲ ଗୁଡ଼ିକରେ ଶିକ୍ଷକ ଅଭାବ ଏକ ବଡ଼ ସମସ୍ୟା ରୂପେ ଠିଆ ହୋଇଛି। ତଥାପି ସରକାରଙ୍କ ପକ୍ଷରୁ ଶିକ୍ଷକମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ସେମାନେ ସରକାରୀ କାଗଜପତ୍ର ଦାଖଲ କରିବାରେ ବ୍ୟସ୍ତ ରହୁଛନ୍ତି। ଫଳରେ ପାଠପଢ଼ା ବ୍ୟାହତ ହେଉଛି। ଏ ସମସ୍ୟାର ଶୀଘ୍ର ସମାଧାନ ନ କଲେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ।

–ରାଜକିଶୋର ସାହୁ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ

## ଗଙ୍ଗାଧରଙ୍କ କାବ୍ୟ ଆବେଗ, ବାସ୍ତବତାପୂର୍ଣ୍ଣ

ଢେଙ୍କାନାଳ ଅଫିସ,୧୯।୮

ଢେଙ୍କାନାଳ ସହରସ୍ଥିତ କବି କୁଟୀରଠାରେ କବିଭୂଷଣ ସ୍ମୃତି ସଂସଦ ପକ୍ଷରୁ ରବିବାର ସନ୍ଧ୍ୟାରେ ଓଡ଼ିଆ ସାହିତ୍ୟର ଯଶସ୍ୱୀସ୍ରଷ୍ଟା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ କାବ୍ୟକୃତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ମନୋରଞ୍ଜନ ନନ୍ଦ କହିଲେ, ଗଙ୍ଗାଧରଙ୍କ ପ୍ରତିଟି କାବ୍ୟରେ ଆବେଗ, ବାସ୍ତବ ପରିକଳ୍ପନା ଓ ମାନବ ଜୀବନର ଦର୍ଶନ ଭରି ରହିଛି । ବ୍ୟକ୍ତି ଓ ସମାଜ ମଧ୍ୟରେ ସୁସମ୍ପର୍କ ସୃଷ୍ଟି ପାଇଁ ସେ ଲେଖନୀ ଚାଳନା କରୁଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାବିତ ଅଟଳ ବିହାରୀ ଦାସ ଓ ମୁଖ୍ୟବକ୍ତା ଶିକ୍ଷାବିତ ଡ. ନିଳନ ମିଶ୍ର ଏବଂ ସମ୍ମାନିତ ଅତିଥି ସାହିତ୍ୟିକ ଉମେଶଚନ୍ଦ୍ର ଦାସ ଯୋଗଦେଇ ସ୍ୱଭାବକବିଙ୍କ ଜୀବନୀ ଓ କାବ୍ୟଧାରା ଉପରେ ଆଲୋଚନା କରିଥିଲେ। ରେଣୁବାଳା ସ୍ମୃତି ସଂସଦର ରାଜ୍ୟ ସଭାପତି ସଂଯୁକ୍ତା ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଛନ୍ଦେଶ ସାହିତ୍ୟ ସଂସଦର ସଭାପତି ନୀଳମଣି ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ହାସ୍ୟବିଦୁ୍ୟଷୀ ପଙ୍କଜିନୀ ଦାଶଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ କବିତା ପାଠୋତ୍ସବରେ ମମତା ସାହୁ, ମନୋଜ ମଞ୍ଜରୀ ଦାସ, ନମିତା ମନୋହରୀ, ଅଞ୍ଜୁ ଅଶ୍ୱିନ, ସୁମିତା ପଟ୍ଟନାୟକ, ନଜରୁଲ ଇସଲାମ ପ୍ରମୁଖ କବି କବିତା ପାଠ କରିଥିଲେ ।

## ଅନୁଗୋଳରେ ସେକ୍ସ ର୍ୟାକେଟ୍ ଠାବ, ୫ ଗିରଫ

ଅନୁଗୋଳ ଅଫିସ/ବଅଁରପାଳ ୧୯।୮

ଅନୁଗୋଳ ଥାନା ଷ୍ଟେଶନ ରୋଡରେ ଥିବା ଏକ ଲଜ୍‌ରେ ଦେହ ବ୍ୟବସାୟ ଚାଲିଥିବା ବେଳେ ରବିବାର ରାତିରେ ଅନୁଗୋଳ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୫ ହଜାର ଟଙ୍କା ଓ ୭ ମୋବାଇଲ୍ ସହ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରିଛି। ଏହି ର୍ୟାକେଟ୍‌ରେ ସମ୍ପୃକ୍ତ ଥିବା ୩ ଯୁବତୀଙ୍କୁ ଶର୍ଟ ଷ୍ଟେ ହୋମ୍‌କୁ ପଠାଇ ଦିଆଯାଇଛି।

ରବିବାର ଦୁଇ ଜଣ ଯୁବତୀ ଉକ୍ତ ଲଜ୍‌କୁ ଆସି ଇଣ୍ଟରଭ୍ୟୁ ଥିବା କହି ରୁମ୍ ବୁକ୍ କରିଥିଲେ। ତେବେ ରାତିରେ ସେଠାରେ ଦେହ ବ୍ୟବସାୟ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରେ ଥିବା ୩ ଯୁବତୀଙ୍କୁ ପୋଲିସ ଶର୍ଟ ଷ୍ଟେ ହୋମ ପଠାଇ ଦେବା ସହ ଗ୍ରାହକ ଓ ଲଜ୍ ମ୍ୟାନେଜର ସଞ୍ଜିତ ସିଂ, ସିକ୍ୟୁରିଟି କର୍ମଚାରୀ ମନୋଜ ପରିଡ଼ା, ରେଙ୍ଗାଲି ଅଞ୍ଚଳର ଡକ୍ଟର ବିଶ୍ୱାଳ, ତ୍ରିଲୋଚନ ବିଶ୍ୱାଳ, ଛେଣ୍ଡିପଦା ଅଞ୍ଚଳର ପପୁନ ବିଶ୍ୱାଳଙ୍କୁ ଗିରଫ କରିଥିଲା। ୨୦ ଦିନ ହେବ ଉକ୍ତ ଲଜ୍‌ରେ ଦେହ କାରବାର ଚାଲିଥିଲା ବୋଲି ପୋଲିସ ସୂଚନା ଦେଇଛି। ଅନୁଗୋଳ ଆଇଆଇସି ରମେଶ ଚନ୍ଦ୍ର ବିଶୋଇଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ସୌମ୍ୟା ରାୟ, ପ୍ରକାଶ ମାଝି, ପ୍ରଶାନ୍ତ ସାହୁ, ଜୟଚନ୍ଦ୍ର ସାହୁ ପ୍ରମୁଖ ଏହି ଚଢ଼ାଉ କରିଥିଲେ। ତେବେ ଦୀର୍ଘ ଦିନ ହେଲା ଅନୁଗୋଳ ସହରରେ ଦେହ ବ୍ୟବସାୟ ଚାଲିଥିବାବେଳେ ଏହାକୁ ପୋଲିସ ରୋକିବାରେ ସଫଳ ହୋଇ ନ ଥିବା ଆଲୋଚନା ହେଉଛି।

## ସିକ୍ୟୁରିଟି ଗାର୍ଡ ଗିରଫ

ତାଳଚେର, ୧୯।୮(ନି.ପ୍ର.)

ଲିଙ୍ଗରାଜ କୋଇଲା ଖଣିରୁ ଡିଜେଲ ଚୋରି ଘଟଣାରେ ଏକ କମ୍ପାନୀର ସିକ୍ୟୁରିଟି ଗାର୍ଡ କନ୍ଦର୍ପ ଦେବତାଙ୍କୁ ତାଳଚେର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କନ୍ଦର୍ପ ଡିଜେଲ ମାଫିଆଙ୍କୁ ଚୋରିରେ ସହଯୋଗ କରିଥିବାରୁ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଫଟୋରେ ଖବର



ଆଗକୁ ଗଣେଶ ପୂଜା। ଅନୁଗୋଳର ଜଣେ କାରିଗର ବିଗ୍ରହ ନିର୍ମାଣରେ ବ୍ୟସ୍ତ। (ଫଟୋ- ବୁବୁ)

■ଦନ୍ତା ଉପଦ୍ରବ ନେଇ ଡିହଡୋଳ ରେଞ୍ଜରେ ଆତଙ୍କ

## ଯୁବକଙ୍କୁ ଘୋଷାଡ଼ି ଦଳିଦେଲା

ପରଜଙ୍ଗ,୧୯।୮(ଡି.ଏନ.ଏ.)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଡମୋଳ ଶନି ମନ୍ଦିର ନିକଟରେ ସୋମବାର ଏକ ଦନ୍ତା ହାତୀ ଆକ୍ରମଣରେ ଡମୋଳ ଗ୍ରାମର ଶାନ୍ତନୁ ସାମଲ (୨୬)ଙ୍କ ମୃତ୍ୟୁ ଘଟିଛି। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସେମାନେ ହାତୀସ୍କ୍ୱାଡ୍‌କୁ ଅଟକ ରଖିବା ସହ ବନ ବିଭାଗ ଗାଡ଼ି ଭଙ୍ଗାରୁଜା କରିଥିବା ସୂଚନା ମିଳିଛି।

ଘଟଣାରୁ ପ୍ରକାଶ, ଶାନ୍ତନୁ ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ଶନିଶ୍ଚର ମନ୍ଦିର ନିକଟରେ ବସିଥିଲେ। ଏହି ସମୟରେ ଉକ୍ତ ଦନ୍ତା ହାତୀ ନିକଟସ୍ଥ ଜଙ୍ଗଲରୁ ବାହାରିଆସି ସେମାନଙ୍କୁ ଆକ୍ରମଣ କରିଥିଲା। ଅନ୍ୟମାନେ ଦୌଡି ପଳାଇ ଯାଇଥିବାବେଳେ ଶାନ୍ତନୁ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଧରି ପ୍ରାୟ ଶହେ ମିଟର ଘୋଷାଡ଼ି ନେଇ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ପ୍ରାୟ ୧୫ ମିନିଟ ଧରି ଦନ୍ତାଟି ସେଠାରେ ଛିଡ଼ା ହୋଇରହିଥିଲା। ଖବରପାଇ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ହାତୀ ସ୍କ୍ୱାଡକୁ ସେଠାକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ ବିଭାଗ ଗାଡ଼ି ସହିତ ୬ ଜଣ କର୍ମଚାରୀ ସେଠାରେ ପହଞ୍ଚିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଯାଇଥିଲା। ହାତୀଟି ସପ୍ତାହେ ଧରି ଗାଁ ଭିତରେ ପଶି କମର, ଲୋଧଣି, କନ୍ଦରସିଂହା, ମଝିକା, ଜଟିଆ, ସରାଙ୍ଗ ଅଞ୍ଚଳରେ ପ୍ରାୟ ୩୦ ପରିବାରଙ୍କ ଘର ଭାଙ୍ଗି ତାଣ୍ଡବ ରଚାଇବା ସହ ଏ ପର୍ଯ୍ୟନ୍ତ ୧୦ରୁ ଊର୍ଦ୍ଧ୍ୱଙ୍କ ଜୀବନ ନେଇସାରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ କ୍ଷତିପୂରଣ ସହିତ ଦନ୍ତାକୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଯିବାକୁ ଦାବି କରି ଗ୍ରାମବାସୀ ହାତୀସ୍କ୍ୱାଡ୍‌କୁ ଅଟକ ରଖିଛନ୍ତି। ଏଥିସହ ବିଭାଗର ଏକ ଗାଡି କାଚ ଓ କର୍ମଚାରୀଙ୍କ ମୋବଇଲ ମଧ୍ୟ ଭାଙ୍ଗି ଦେଇଥିବା ଜଣାପଡିଛି। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ଛଡାଯିବ ନାହିଁ ବୋଲି ଅଞ୍ଚଳବାସୀ ଜିଦ୍ ଧରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ କରିଛନ୍ତି, ଡିହାଡୋଳ ସେକ୍ସନରେ ଥିବା ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ଠିକ ଭାବେ ଡ୍ୟୁଟି କରୁ ନାହାନ୍ତି। ତେଣୁ ତୁରନ୍ତ ଫରେଷ୍ଟର ରାମଚନ୍ଦ୍ର ରାଉତ, ଗାର୍ଡ କ୍ରିଷ୍ଟାପ୍ରିୟା ସାହୁଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିଛନ୍ତି। ଖବରଲେଖା ହେବା ସୁଦ୍ଧା କୌଣସି ସମାଧାନ ବାହାରିପାରିନାହିଁ। ଏ ନେଇ ରେଞ୍ଜର ହରମୋହନ ନାୟକ କୁହନ୍ତି, ଘଟଣାସ୍ଥଳରେ ହାତୀସ୍କ୍ୱାଡ ପହଞ୍ଚିଥିବାବେଳେ ସେଠାରେ ଉତ୍ତେଜନା ଦେଖାଦେଇଛି। ବୁଝାଶୁଝା ପାଇଁ ଉଦ୍ୟମ ଜାରିରହିଛି। ପରଜଙ୍ଗ ଥାନା ଅଧିକାରୀ ଆନନ୍ଦ ଡୁଙ୍ଗୁଡୁଙ୍ଗ, ଏଏସ୍‌ଆଇ ସରୋଜ କୁମାର ସେଠୀ, ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ରାମଚନ୍ଦ୍ର ରାଉତ ପ୍ରମୁଖ ପହଞ୍ଚିଛନ୍ତି।



ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରାଯାଉଛି।

■ମୃତଦେହକୁ ୧୫ ମିନିଟ୍ ଜଗି ରହିଲା

■ହାତୀସ୍କ୍ୱାଡ୍ ଅଟକ, ବିଭାଗୀୟ ଗାଡ଼ି ଭଙ୍ଗାରୁଜା

■ବନ ଅଧିକାରୀ, ପୋଲିସ କରୁଛି ବୁଝାଶୁଝା

## ୮୯ ଅଭିଯୋଗ ଶୁଣିଲେ ଜିଲାପାଳ

ବଅଁରପାଳ, ୧୯।୮(ଡି.ଏନ.ଏ.)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ପରିସରରେ ସୋମବାର ଅନୁଗୋଳ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୯ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଅମୂଲ୍ୟ ଚମ୍ପତିରାୟ, ଆସିଷ୍ଟାଣ୍ଟ କଲେକ୍ଟର, ଅତିରିକ୍ତ ଏସ୍‌ପି ଯଦୁମଣି ହାଁସଦା, ସିଡିଏମ୍‌ଓ ଡା. ପ୍ରତାପ ବେହେରା, ବଅଁରପାଳ ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ, ତହସିଲଦାର ଜିତେନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏହି ଶିବିରରେ ଯୋଗଦେଇଥିଲେ। ବନ୍ଦାଠାରୁ ଅରାହାଟ ପର୍ଯ୍ୟନ୍ତ ଯାଇଥିବା ପିଡବ୍ଲ୍ୟୁଡି ରାସ୍ତା ନିମ୍ନମାନର କାମ ହେଉଥିବା ତୁଳସୀପାଳ ଗ୍ରାମର ମନୋଜ ସାହୁ ଅଭିଯୋଗ କରିଥିଲେ। ସେହିପରି ତୁଳସୀପାଳ ଗ୍ରାମର ବହୁ ହିତାଧିକାରୀ ରାଶନକାର୍ଡ, ପାଇଖାନା ପାଇଁ ନିର୍ମିତ ଟଙ୍କା ପାଇ ନ ଥିବା ଗ୍ରାମର ସଞ୍ଜୟ ବିଶ୍ୱାଳ, ପଦ୍ମିନୀ ଦାସ, ପାଣ୍ଡବ ଦାଶ ପ୍ରମୁଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନୂଆହତା ଗ୍ରାମରେ ଜଣେ ବ୍ୟକ୍ତି ଜାଗା ଜବରଦଖଲ କରିବା ସହ ପଟ୍ଟାରେ ଅନିୟମିତତା କରିଥିବା ଗ୍ରାମର ସୁମନ୍ତି ସାମନ୍ତ ଅଭିଯୋଗ କରିଥିଲେ। ସେହିପରି ତଳମୂଳ ପାଟଣାରେ ପାଇଖାନା ଘର ଓ ଇନ୍ଦିରାଆବାସ ବଣ୍ଟନରେ ଅନିୟମିତା ହେଉଥିବା ଗ୍ରାମର ଦୁଃଶାସନ ସାହୁ ଅଭିଯୋଗ ଆଣିଥିଲେ। ଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ସହ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।



ଅଭିଯୋଗ ଶୁଣାଣିରେ ଉପସ୍ଥିତ ପଦାଧିକାରୀ।

## ସଂକ୍ଷେପରେ

### ୨୭ କେଜି ମାଙ୍ଗାନିଜ ଜବତ, ଟ୍ରକ୍ ଚାଳକ ଗିରଫ

ଛେଣ୍ଡିପଦା,୧୯।୮(ସ୍ୱ.ପ୍ର)- ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଜିନ୍ଦଲ କମ୍ପାନୀରୁ ସୋମବାର ମାଙ୍ଗାନିଜ ଚୋରି କରିବା ଅଭିଯୋଗରେ ଛେଣ୍ଡିପଦା ଥାନା ମାମୁରିଆ ଗ୍ରାମର ଡ୍ରାଇଭର ସୁଧାକର ଖିଲାରଙ୍କୁ ପୋଲିସ ଗିରଫ କରିଛି।

ଏକ କମ୍ପାନୀକୁ ତାଳଚେରରୁ କୋଇଲା ଆଣିଥିବା ଟ୍ରକ ନଂ.(ଓଆର ୧୯ ଏଫ ୮୫୬୭)ରେ ମାଙ୍ଗାନିଜ ପଥର ଚୋରି କରି ଆଣୁଥିବାବେଳେ ସିକ୍ୟୁରିଟି ଗାର୍ଡ ହାତରେ ଚାଳକ ସୁଧାକର ଖିଲାର ଧରାପଡିଥିଲେ। ଏ ନେଇ ସିକ୍ୟୁରିଟି ଗାର୍ଡ ରାଜେଶ ଅଗ୍ରୱାଲ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ସୁଧାକରଙ୍କୁ ପୋଲିସ ଜିମା ଦେଇଥିଲେ। ନିଶା ଶିଳ୍ପାଞ୍ଚଳ ଥାନା ଏଏସଆଇ ପ୍ରଫୁଲ୍ଲ କୁମାର ରାଉତ ଟ୍ରକରୁ ୨୭ କିଗ୍ରା ମାଙ୍ଗାନିଜ ଜବତ କରିବା ସହିତ ସୁଧାକରଙ୍କୁ ଗିରଫ କରିଥିଲା। ମଙ୍ଗଳବାର ତାଙ୍କୁ ଛେଣ୍ଡିପଦା କୋର୍ଟଚାଲାଣ କରାଯିବ ବୋଲି ନିଶା ଥାନା ଅଧିକାରୀ ଦିପିକା ରାଏ ପ୍ରକାଶ କରିଛନ୍ତି।

### ୨ୟ ଦିନରେ ଖଣିବନ୍ଦ ଆନ୍ଦୋଳନ

କଣିହାଁ,୧୯।୮(ଡି.ଏନ.ଏ.) ନିଯୁକ୍ତି ଓ ଥଇଥାନ ଦାବିରେ ଅନୁଗୋଳ ଜିଲା କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମର କ୍ଷତିଗ୍ରସ୍ତମାନେ ଏମସିଏଲର କଣିହାଁ ଓସିପି କୋଇଲା ଖଣିରେ ଚଳାଇଥିବା ଆନ୍ଦୋଳନ ସୋମବାର ୨ୟ ଦିନରେ ପହଞ୍ଚିଛି। ଫଳରେ ଖଣି କାର୍ଯ୍ୟ ବନ୍ଦ ରହିଛି। ସୋମବାର ଅପରାହ୍ନରେ କଣିହାଁ ତହସିଲଦାର ଅଂଶୁମାନ ଶତପଥୀ, ପୋଲିସ ଏସଡ଼ିପିଓ ଯଶୋବନ୍ତ ସାମଲ, ଆଇଆଇସି ପ୍ରଭାତ ତ୍ରିପାଠୀ ଓ ଓପିସି ପ୍ରକଳ୍ପ ଅଧିକାରୀ ନାରାୟଣ ଦାସ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବାସହ ଉପଜିଲାପାଳଙ୍କ ସହ ଆଲୋଚନାକୁ ନେଇ ୩ ମାସ ପର୍ଯ୍ୟନ୍ତ ଆନ୍ଦୋଳନରୁ ନିବୃତ ରହିବାକୁ କହିଥିଲେ। ଆନ୍ଦୋଳନକାରୀ ସଙ୍ଗଠକ ସମ୍ପାଦକ ଦେବେନ୍ଦ୍ର ବାରିକ କହିଛନ୍ତି, ପ୍ରଶାସନ ପ୍ରତିଶ୍ରୁତିକୁ ନେଇ ସବୁବେଳେ କାର୍ଯ୍ୟ କରୁଛୁ। ସୁଫଳ ମିଳୁ ନାହିଁ। ଦାବି ପୂରଣ ନ ହେଲେ ଆନ୍ଦୋଳନରୁ କ୍ଷତିଗ୍ରସ୍ତମାନେ ଉଠିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। କଣିହାଁ ଥାନା ଆଇଆଇସି କହିଛନ୍ତି, ବୁଝାଶୁଝା ସତ୍ତ୍ୱେ ଆନ୍ଦୋଳନ ଚାଲିଛି।

### ଦୁର୍ଘଟଣାରେ ବାଇକ ଚାଳକ ଗୁରୁତର

ଛେଣ୍ଡିପଦା,୧୯।୮(ସ୍ୱ.ପ୍ର)- ଅନୁଗୋଳ ଜିଲା ଜରପଡା ଥାନା ଜରପଡା-ନାଉପଦା ରାସ୍ତାର ନାଉପଦା କାଳୀମନ୍ଦିର ନିକଟରେ ସୋମବାର ଏକ ଇଣ୍ଡିଗୋ ଓ ବାଇକ ମଧରେ ଧକ୍କା ହୋଇଛି। ଏଥିରେ ବାଇକ ଚାଳକ ବାଲିପଟା ଗ୍ରାମର ହଡା ସାହୁଙ୍କ ପୁଅ ଏଲନ ସାହୁ ଗୁରୁତର ହୋଇଛନ୍ତି। ପୋଲିସ କହିଛି, ଏଲନ ବାଇକରେ ଯାଉଥିବାବେଳେ ନାଉପଦା କାଳୀମନ୍ଦିର ନିକଟରେ ଜରପଡାରୁ ଛେଣ୍ଡିପଦା ଅଭିମୁଖେ ଯାଉଥିବା ଏକ କାର୍ (ନଂ. ଓଆର୧୭ଜେ୬୯୫୧) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଜରପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ କାର୍ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ଗଣ୍ଡଗୋଳ ଘଟଣା, ୬ କୋର୍ଟଚାଲାଣ

ପବିତ୍ରନଗର,୧୯।୮(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ବିରୁ ଗ୍ରାମରେ ରବିବାର ଜାଗା ବିବାଦକୁ ନେଇ ଗଣ୍ଡଗୋଳ ଘଟିଥିଲା। ଏହି ଘଟଣାରେ ସୋମବାର ସମଲ ଥାନା ପୋଲିସ ଉଭୟ ଗୋଷ୍ଠୀର ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମୁରଲୀଧର ସାହୁ ଓ ତାଙ୍କ ପୁଅ ପଞ୍ଚାନନ ସାହୁ, ତ୍ରିଲୋଚନ ସାହୁ ଓ ତାଙ୍କ ପୁଅ ସୁଶାନ୍ତ ସାହୁ, ନିତ୍ୟାନନ୍ଦ ନାଏକ, ଧରମାନନ୍ଦ ନାଏକ। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ କେସ ନଂ. ୧୦୮/୧୯ ଓ ୧୦୯/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିଲା।

## ସଂସାର ଉଜାଡ଼ିଲା ସ୍ୱାମୀ

# ମେଡିକାଲ ଯିବା ପୂର୍ବରୁ ସ୍ତ୍ରୀଙ୍କୁ ହତ୍ୟା

ରାସୋଳ,୧୯।୮(ଡି.ଏନ.ଏ.)

- କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ
- ମାନସିକ ଭାରସାମ୍ୟ ଠିକ୍ ନ ଥିଲା
- ଅଭିଯୁକ୍ତ ଗିରଫ, ଟାଙ୍ଗିଆ ଜବତ

କିଡ୍‌ନୀ ରୋଗରେ ପୀଡ଼ିତ ସ୍ୱାମୀଙ୍କୁ ବଞ୍ଚାଇବାକୁ ଟଙ୍କା ଯୋଗାଡ଼ କରୁଥିବା ସ୍ତ୍ରୀକୁ ହାଣି ହତ୍ୟା କରିଛି ସ୍ୱାମୀ। ଢେଙ୍କାନାଳ ଜିଲା ରାସୋଳ ଥାନା ଅଞ୍ଚଳରେ ସୋମବାର ଘଟିଛି ଏପରି ଏକ ଅଭାବନୀୟ ଘଟଣା। ମାନସିକ ଭାରସାମ୍ୟ ହରାଇ ଭୋର୍ ସମୟରେ ରୋଗଗ୍ରସ୍ତ ସ୍ୱାମୀ ଏହି ହତ୍ୟାକାଣ୍ଡ ଘଟାଇଥିବା ପୋଲିସ ସୂଚନା ଦେଇଛି। ତେବେ ଆକ୍ରମଣରୁ ବର୍ତ୍ତିଯାଇଛନ୍ତି ୯ ବର୍ଷର ଝିଅ ଓ ୫ ବର୍ଷର ପୁଅ। ଉଭୟ ଏବେ ଜେଜେମା'ଙ୍କ ନିକଟରେ ଥିବା ବେଳେ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

ଘଟଣାରୁ ଜଣାପଡିଛି, ରାସୋଳ ଥାନା କାରନ୍ଦା ପଞ୍ଚାୟତ ମାନିଆନାଳି ଗ୍ରାମର ପ୍ରଦୀପ ରାଉତ ୩ ବର୍ଷ ହେଲା କିଡନୀ ରୋଗରେ ପୀଡିତ ଥିଲେ। ତାଙ୍କର ୨ଟି କିଡ୍‌ନୀ ଖରାପ ହୋଇଯାଇଥିବାରୁ ସେ କଟକ ଯାଇ ଚିକିତ୍ସିତ ହେଉଥିଲେ। ଶ୍ରମିକ ଭାବେ କାମ କରୁଥିବା ପ୍ରଦୀପ ରୋଗଗ୍ରସ୍ତ ହେବା ପରେ ସ୍ତ୍ରୀ ଭାରତୀ କଷ୍ଟେମଷ୍ଟେ ପରିବାର ଚଳାଇବା ସହ ସ୍ୱାମୀଙ୍କୁ ଭଲ କରିବାକୁ ଅର୍ଥ ଯୋଗାଡ କରୁଥିଲେ। ତେବେ ଅର୍ଥାଭାବ, ପିଲାଙ୍କ ପାଠପଢ଼ା ଓ ବିଧବା ମା'ଙ୍କ ଭରଣପୋଷଣ ଚିନ୍ତା ଯୋଗୁ ୪/୫ ଦିନ ହେବ ପ୍ରଦୀପଙ୍କ ମାନସିକ ଅବସ୍ଥା ବିଗିଡ଼ି ଯାଇଥିଲା। ସୋମବାର କଟକ ମେଡିକାଲ ଯିବାକୁ ଭାରତୀ ଟଙ୍କା ଯୋଗାଡ଼ରେ ଥିବା ବେଳେ ଭୋର୍ ସମୟରେ ହଠାତ୍ ପ୍ରଦୀପ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ଝିଅ ଚିତ୍କାର କରିବା ସହ ଗାଁ ଲୋକଙ୍କୁ ଡାକି ଆଣିବାରୁ ପ୍ରଦୀପଙ୍କୁ କାବୁ କରାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ପୋଲିସ ପ୍ରଦୀପଙ୍କୁ ଗିରଫ କରିବା ସହ ମୃତଦେହ ଓ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି। ଢେଙ୍କାନାଳ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ଏ ସଂକ୍ରାନ୍ତରେ ଭାରତୀଙ୍କ ଭାଇ ଗୋବିନ୍ଦ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୯୬/୧୯ରେ ଏକ ମାମଲା ରୁଜୁ କରିଛି। ପାରିବାରିକ ସମସ୍ୟା, ଅର୍ଥାଭାବ ଆଦି ଯୋଗୁ ପ୍ରଦୀପ ମାନସିକ ଭାରସାମ୍ୟ ହରାଇ ଏପରି କରିଥିବା ପାରିପାର୍ଶ୍ୱିକ ସ୍ଥିତି ଓ ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଆଇଆଇସି ଜ୍ଞାନ ରଞ୍ଜନ ସାମଲ କହିଛନ୍ତି।

# ଦ୍ୱିତୀୟ ସ୍ତ୍ରୀଙ୍କୁ ହାଣିଦେଲେ

ଆଠମଲ୍ଲିକ/ମାଧପୁର, ୧୯।୮(ଡି.ଏନ.ଏ.)

- ଚରିତ୍ରକୁ ନେଇ ସନ୍ଦେହ କରୁଥିଲେ
- ଘର ପଛପଟେ ପଡ଼ିଛି ରକ୍ତଛିଟା
- ଅଭିଯୁକ୍ତ ଥାନାରେ ଅଟକ

ବିବାହର ଦୀର୍ଘ ବର୍ଷ ପରେ ପିଲାଟିଏ ନ ହେବାରୁ ଘରକୁ ଆଣିଥିଲେ ଦ୍ୱିତୀୟ ସ୍ତ୍ରୀ। ହେଲେ ଚରିତ୍ରକୁ ନେଇ ସନ୍ଦେହ କରୁଥିବା ସ୍ୱାମୀ ଶେଷରେ ସୋମବାର ଦ୍ୱିତୀୟ ସ୍ତ୍ରୀଙ୍କୁ ହାଣି ହତ୍ୟା କରିଛନ୍ତି। ଏପରି ଏକ ଘଟଣା ଘଟିଛି ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଗଦାଧରପୁର ଗ୍ରାମରେ। ଏ ନେଇ ମୃତ ମହିଳା ରାସେଶ୍ୱରୀ କୁଦେଇଙ୍କ ଭାଇ ପୀତାମ୍ବର ଭୋଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରିବା ସହ ନଂ. ୮୯/୧୯ରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ସ୍ୱାମୀ ଶେଷଦେବ କୁଦେଇଙ୍କୁ ଥାନାରେ ଅଟକ ରଖାଯାଇଛି।

ପୋଲିସ କହିଛି, ଅଭିଯୁକ୍ତ ଶେଷଦେବଙ୍କ ଦୁଇଟି ସ୍ତ୍ରୀ। ପ୍ରଥମ ସ୍ତ୍ରୀ କୁନ୍ତଳା କୁଦେଇଙ୍କ କୌଣସି ସନ୍ତାନ ନ ହେବାରୁ ଶେଷଦେବ ରାସେଶ୍ୱରୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପରେ ପ୍ରଥମ ସ୍ତ୍ରୀ କୁନ୍ତଳାଙ୍କ ଝିଅଟିଏ ହୋଇଥିଲା। ହେଲେ ଘରର ବିଭିନ୍ନ ଘଟଣାକୁ ନେଇ ଦ୍ୱିତୀୟ ସ୍ତ୍ରୀ ରାସେଶ୍ୱରୀଙ୍କ ସହ ଅନେକ ସମୟରେ ଶେଷଦେବଙ୍କ ଉଚ୍ଚବାଚ ହେଉଥିଲା। ଏପରି କି ସୋମବାର ଅପରାହ୍ନରେ ରାସେଶ୍ୱରୀଙ୍କ ଚରିତ୍ରକୁ ନେଇ ଉଭୟଙ୍କ ମଧ୍ୟରେ ଜୋରଦାର ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶେଷଦେବ କାମ କରୁଥିବା କୋଡ଼ିରେ ରାସେଶ୍ୱରୀଙ୍କ ମୁଣ୍ଡକୁ ଦୁଇ ଚୋଟ ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଖବରପାଇ ଆଠମଲ୍ଲିକ ଏସ୍‌ଡିପିଓ ସେକ୍. ଅବଦୁଲ୍ କରିମ୍, ଆଇଆଇସି ପ୍ରିୟବ୍ରତ ଦାଶ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ଉଦ୍ଧାର କରାଯାଇଥିଲେ ବି ସନ୍ଧ୍ୟା ହୋଇଯିବାରୁ ବ୍ୟବଚ୍ଛେଦ ହୋଇପାରିନାହିଁ। ଅଭିଯୁକ୍ତ ଶେଷଦେବଙ୍କୁ ଥାନାରେ ଅଟକ ରଖାଯିବା ସହ ଘଟଣାର ଅଧିକ ତଦନ୍ତ କରାଯାଉଥିବା ପୋଲିସ ସୂଚନା ଦେଇଛି।

## ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ

# 'ଅବହେଳାର ଶିକାର କଳାକାର'



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା କଳାକାରମାନେ।

ଅନୁଗୋଳ ଅଫିସ, ୧୯।୮

ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପାଇଁ ଅନୁଗୋଳ ଜିଲାର ବିଭିନ୍ନ ବ୍ଲକର କଳାକାରମାନଙ୍କ ଉପସ୍ଥିତିରେ ସୋମବାର କଣିହାଁ ବ୍ଲକ ଟାକୁଆ ଗ୍ରାମସ୍ଥିତ ଶିବ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନର ଅନୁଗୋଳ ଜିଲା ସଭାପତି ତଥା କଣିହାଁ ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ଓ ଜିଲା ସଂସ୍କୃତି ପରିଷଦର ସଦସ୍ୟ ନବଘନ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ପୋକତୁଙ୍ଗା ଗ୍ରାମର ଗାୟକ ଚୂଡ଼ାମଣି ସୁରେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ କଳାକାରମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। କଳାକାରଙ୍କୁ ସରକାର ଅବହେଳା କରିଚାଲିଥିବା ଏବଂ ସେମାନଙ୍କ ଉନ୍ନତି ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଥିଲା। କଳାକାରଙ୍କ ପାଇଁ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉ ନ ଥିବାବେଳେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୫୦ ହଜାର ଟଙ୍କା ସହାୟତା ରାଶି ପାଇଁ ଆଜି ପର୍ଯ୍ୟନ୍ତ କଳାକାର ଚୟନ ମଧ୍ୟ ହୋଇ ନ ଥିବା ବୈଠକରେ ଅଭିଯୋଗ କରାଯାଇଥିଲା। ଏଥିସହ ଜିଲାରେ ଏହି ମହୋତ୍ସବ ଆୟୋଜନ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ଏହି ଅବସରରେ 'ରୁମୁକୁଝୁମାନା' ସଙ୍ଗଠନର ବ୍ଲକ ଓ ଜିଲା ପଦାଧିକାରୀ ମନୋନୀତ ହୋଇଥିଲେ। ଅନୁଗୋଳ ବ୍ଲକ ପାଇଁ ସୁରେଶ ଚନ୍ଦ୍ର ସାହୁ (ପୋକତୁଙ୍ଗା), ଛେଣ୍ଡିପଦା ବ୍ଲକ ପାଇଁ ବିଦ୍ୟାଧର ନାଥ (ଭୁବନପୁର), ତାଳଚେର ପାଇଁ ସବିତା ସିଂ(ତାଳଚେର), ବଅଁରପାଳ ପାଇଁ ସମିତା ମହାନ୍ତି(ବୁଢ଼ାପଙ୍କ), କଣିହାଁ ପାଇଁ ବିପିନି ବିହାରୀ ପଟ୍ଟନାୟକ(ପୋଢ଼ାଗଡ଼), ପାଲଲହଡ଼ା ପାଇଁ ଧ୍ରୁବଚରଣ ସାହୁ(ରୋହିଲା) ଓ ଜିଲା ମହିଳା କଳାକାର ସାମ୍ମୁଖ୍ୟ ପାଇଁ ଜିଲା ସଭାନେତ୍ରୀ ଶାନ୍ତିଲତା ଦାଶ, ସମ୍ପାଦିକା ସବିତା ସିଂ, ଉପସଭାପତି ଭାବେ ସମିତା ମହାନ୍ତିଙ୍କୁ ମନୋନୀତ କରାଯାଇଛି। ଅନ୍ୟ ୨ଟି ବ୍ଲକ ପଦାଧିକାରୀ ଚୟନ ପାଇଁ ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲଇ ଜଣାଯାଇଛି।

## ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ

# କୋଇଲା ଉତ୍ତୋଳନ ପରେ ହେଉନି ବାଲି ଫିଲିଂ

ତାଳଚେର, ୧୯।୮(ନି.ପ୍ର.)

ତାଳଚେରସ୍ଥିତ ଏମ୍‌ସିଏଲର ଥିବା କୋଇଲା ଖଣିଗୁଡିକରୁ କୋଇଲା ଉତ୍ତୋଳନ ପରେ ସେଠାରେ ଠିକ୍ ପରିମାଣର ବାଲି ଫିଲିଂ କରାଯାଉ ନାହିଁ। ଏ ନେଇ ତାଳଚେର ଭୂଗର୍ଭ କୋଇଲା ଖଣି କ୍ଷତିଗ୍ରସ୍ତମାନେ ସୋମବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ସହର ନିକଟରେ ଏମ୍‌ସିଏଲର ଦେଉଳବେଡା, ଚମ୍ପାପଶି, ଡେରା, ହାଣ୍ଡିଧୂଆଁ ଭୂଗର୍ଭ କୋଇଲା ଖଣି ରହିଛି। ଏହି କୋଇଲା ଖଣିଗୁଡିକରୁ କୋଇଲା ଉତ୍ତୋଳନ ସରିଛି। କୋଇଲା ଉତ୍ତୋଳନ ପରେ ସମ ପରିମାଣର ବାଲି ସେଠାରେ ଫିଲିଂ କରାଯିବାର ନିୟମ ରହିଛି। ହେଲେ ଦୀର୍ଘ ବର୍ଷ ହେଲା ଏମସିଏଲ ପକ୍ଷରୁ ସେଠାରେ ବାଲି ଫିଲିଂ କାମ ଶେଷ ହେଉ ନ ଥିବା ଅଭିଯୋଗ କରାଯାଇଛି। ବିଗତ ଦିନଗୁଡିକରେ ତାଳଚେର ସହରର ବିଭିନ୍ନ ସ୍ଥାନରେ ମାଟି ଦବିବା ସହ ଘରେ ଫାଟ ସୃଷ୍ଟି ହେଉଥିବା ନଜିର ରହିଛି। ଏଥିଯୋଗୁ ସହରବାସୀ ନିଜକୁ ଅସୁରକ୍ଷିତ ମଣିବା ସହିତ ଭୟଭୀତ ଅବସ୍ଥାରେ ରହୁଛନ୍ତି। ତୁରନ୍ତ ତାଳଚେର ଅଞ୍ଚଳରେ ଭୂଗର୍ଭ କୋଇଲା ଖଣି ଦ୍ୱାରା ଅସୁରକ୍ଷିତ ସ୍ଥାନରେ ବାସ କରୁଥିବା ଜନସାଧାରଣଙ୍କୁ ଉଚିତ କ୍ଷତିପୂରଣ ଦେଇ ସ୍ଥାନାନ୍ତର କରାଯିବା, ବାଲି ଫିଲିଂ କାମର ସିବିଆଇ ତଦନ୍ତ କରାଯିବାକୁ ରଞ୍ଜିତ ମହାପାତ୍ର, ଜିତୁ ବେହେରା, ସୌଭାଗ୍ୟ ଚନ୍ଦ୍ର ପଟ୍ଟନାୟକ, ଗୁନା ମହାପାତ୍ର, ଲିଟୁ ମହାରଣା ଓ ଅନ୍ୟମାନେ ଜିଲାପାଳଙ୍କଠାରେ ଦାବି କରିଛନ୍ତି।

# କବିତା ପାଠୋତ୍ସବ

ତାଳଚେର,୧୯।୮(ନି.ପ୍ର.)

ତାଳଚେର ଉପଖଣ୍ଡ ପ୍ରଶାସନ ଓ କଳା ସାହିତ୍ୟ ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସଭାଘରେ କବିତା ପାଠୋତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ପୌର ପରିଷଦର ନିର୍ବାହୀ ଅଧିକାରିଣୀ ଅତସି ପରିଡା ଯୋଗ ଦେଇ ଥିଲେ। ଏହି ଅବସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାଳଜୟୀ କୃତୀ ଉପରେ ଆଲୋଚନା କରାଯାଇଥିଲା। ପରିଷଦର ସଭାପତି ଡ. ପ୍ରଶାନ୍ତ ରଥ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଦୀପ ପ୍ରଧାନ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ କ୍ଷୀରୋଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ତାଳଚେର ଓ କଣିହାଁ ଅଞ୍ଚଳର ବହୁ କବି, କବୟିତ୍ରୀ ଯୋଗ ଦେଇ ଥିଲେ। ଉପସଭାପତି ଜିତେନ୍ଦ୍ର ମହାପାତ୍ର କାର୍ଯ୍ୟକମ ପରିଚାଳନା କରିଥିଲେ।

# ନେହେରୁ ଯୁବକେନ୍ଦ୍ର ଦ୍ୱାରା ଯୁବ ସଂସଦ କାର୍ଯ୍ୟକ୍ରମ



ଛେଣ୍ଡିପଦା,୧୯।୮(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ତୁକୁଡା ଉଚ୍ଚବିଦ୍ୟାଳୟରେ ଅନୁଗୋଳ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ସୋମବାର ଏକ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜରପଡା ପତିତପାବନ ଜୁନିୟର ମହାବିଦ୍ୟାଳୟର ଅଧକ୍ଷ ଜଗବନ୍ଧୁ ସାହୁ, ମୁଖ୍ୟବକ୍ତା ଭାବେ ପରିବେଶବିତ ଦିଲିପ କୁମାର ସାହୁ, ସମ୍ମାନିତ ଅତିଥି କୋଶଳା ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ମ୍ୟାନେଜର ମୀନକେତନ ପଟ୍ଟନାୟକ, ଜରପଡା ବନବିଭାଗର ଅଜିତ ତ୍ରିପାଠୀ, ସ୍ୱେଚ୍ଛାସେବୀ ସଂଗଠକ ସୁଶାନ୍ତ ତ୍ରିପାଠୀ, ତୁକୁଡା ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ ଶୁରେଶ ଚନ୍ଦ୍ର ପ୍ରଧାନ, ନେହେରୁ ଯୁବ କେନ୍ଦ୍ରର ପ୍ରୋଗ୍ରାମ ଅଧିକାରୀ ହେମାଳିନୀ ଜେନା ଯୋଗ ଦେଇଥିଲେ। ଏହି ଅବସରରେ କ୍ଲବର ସଦସ୍ୟ ଓ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା, ସାମାଜିକ ସମସ୍ୟା ଆଦି ଉପରେ ଅତିଥିମାନେ ସଚେତନ କରାଇଥିଲେ। ବରିଷ୍ଠ ଉପଦେଷ୍ଟା ଶରତ ଚନ୍ଦ୍ର ସାହ, ଟୁନା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଂସଦ ଉପସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ରାକେଶ କୁମାର ପ୍ରଧାନ, କୋଷାଧ୍ୟକ୍ଷ ସୁବ୍ରତ ସାହୁ ପରିଚାଳନା କରିଥିଲେ। ଉତ୍କଳ ସେବା ସଂସଦ ସଭାପତି ଦିଲୀପ ସାହୁ ଧନ୍ୟବାଦ ଦେଇଥିଲେ।

# ଶିଶୁ ମନ୍ଦିରରେ ବିଜ୍ଞାନ ମେଳା



ବଅଁରପାଳ, ୧୯।୮ (ଡି.ଏନ୍.ଏ.)

ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଯୁବ ଇଞ୍ଜିନିୟର କୃପାସିନ୍ଧୁ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାପତି ପୁରନ୍ଦର ବିଶ୍ୱାଳ, ସମ୍ପାଦକ ଅଖିଳ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ସୁମନ୍ତ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିଥିଲେ। ତୃତୀୟ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଚାରକ ଭାବେ ବୀରେନ୍ଦ୍ର ମହାନ୍ତି, ଅଶୋକ ଦାସ, ପ୍ରଦୀପ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶାନ୍ତିଲତା ମହାପାତ୍ର ଓ ଲୋକନାଥ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କୁମାର ମିଶ୍ର ପରିଚାଳନା କରିଥିଲେ।

## ନାଲ୍‌କୋ ବିଶ୍ୱକର୍ମା ପୂଜା ପ୍ରସ୍ତୁତି

# ୨୩ ମଣ୍ଡପରେ ପୂଜା ପାଇବେ ବିଶ୍ୱ ବିନ୍ଧାଣି

ବଅଁରପାଳ, ୧୯।୮ (ଡି.ଏନ୍.ଏ)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପଦାଧିକାରୀ।

ନାଲ୍‌କୋ ଟାଉନଶିପ୍ କଲୋନୀରେ ଆସନ୍ତା ସେପ୍ଟେମ୍ବର ୧୭ ତାରିଖଠାରୁ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆରମ୍ଭ ହେବ। ସେପ୍ଟେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଏହି ପୂଜା ଅନୁଷ୍ଠିତ ହେବ। ଏହାକୁ ନେଇ ସମଗ୍ର ନାଲ୍‌କୋନଗର ଉତ୍ସବମୁଖର ହୋଇପଡିଛି। ସୁସଜ୍ଜିତ ତୋରଣ ସାଙ୍ଗକୁ ଆକର୍ଷଣୀୟ ମେଢ ଓ ରଙ୍ଗିନ ଆଲୋକ ସାଜସଜା ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପୂଜା ଅବସରରେ ମୀନା ବଜାର, ଦୋଳି, ପଲ୍ଲିଶ୍ରୀମେଳା ସାଙ୍ଗକୁ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଦୋକାନ ବଜାର ବସିଥାଏ। ସମଗ୍ର ଆଲୁମିନିୟମ ନଗରୀ ଚଳଚଞ୍ଚଳ ହୋଇଉଠେ। ଏ ସମସ୍ତ କାର୍ଯ୍ୟର ଉପଯୁକ୍ତ ପ୍ରସ୍ତୁତି ପାଇଁ ସୋମବାର ନାଲ୍‌କୋ ପ୍ରଶାସନିକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍‌ଏନ୍ ସାହୁ ସଭାପତିତ୍ୱ କରିଥିଲେ। ପୂଜାକୁ ଶାନ୍ତିଶୃଙ୍ଖଳା ଭାବେ ପାଳନ କରାଯିବା ସହ ଚଳିତ ବର୍ଷ ପୂଜାକୁ ଆଡ଼ମ୍ବର ସହକାରେ ପାଳନ କରାଯିବା ପାଇଁ ସଭାରେ ଆଲୋଚନା ହୋଇଥିଲା। ସେହିପରି ପୂଜା ଅଞ୍ଚଳରେ ପଲ୍ଲିଶ୍ରୀମେଳା, ମୀନା ବଜାର, ଦୋଳି ଓ ବିଭିନ୍ନ ଦୋକାନ ବସିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉପରେ ସଭାରେ ନିଷ୍ପତ୍ତି ହୋଇଥିଲା। ଚଳିତ ବର୍ଷ ରୋଲିଂ ପ୍ଲାଣ୍ଟ, ପଟ୍‌ଲାଇନ୍ ଅପରେଶନ୍, କାଷ୍ଟହାଉସ (ଏ), କାଷ୍ଟହାଉସ (ବି), ରୋଡ଼ିଂ ସପ୍, ସିପିପି ମେକାନିକାଲ୍, ସିପିପି ଅପରେଶନ୍, ସିପିପି ସିଏଚ୍‌ପି, ସେଣ୍ଟ୍ରାଲ ଷ୍ଟୋର, ସିଏଣ୍ଡଆଇ, ସିପିପି ଇଲେକ୍ଟ୍ରିକାଲ, ବ୍ୟାକିଂ ଫରନେସ୍, ପିଟିଏମ୍ ମେକାନିକାଲ, ସିଆର୍‌ଏସ୍, ସିଭିଲ ୨୨୦ କେଭି, ପଟ୍‌ଲାଇନ୍ ଇଲେକ୍ଟ୍ରିକାଲ, କାର୍ବନ ଇଲେକ୍ଟ୍ରିକାଲ, ରୋଡିଂ ସପ୍-୨ ସମେତ ନାଲକୋ ଠିକାଦାର ସଂଘ, ନାଲକୋ ଟ୍ରକ ମାଲିକ ସଂଘ ଓ ଆଖପାଖ ଅଞ୍ଚଳରେ ୩୦ରୁ ଉର୍ଦ୍ଧ୍ୱ ବିଶ୍ୱକର୍ମାଙ୍କ ମେଢ଼ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେପ୍ଟେମ୍ବର ୨୩ରେ ଭସାଣି ହେବ ବୋଲି ସ୍ଥିର ହୋଇଛି। ଏହ ବୈଠକରେ ଡିଜିଏମ୍ ଏସ୍.ଏସ୍ ପଣ୍ଡା, ବରିଷ୍ଠ ପ୍ରବନ୍ଧକ ରାଜାରାମ ମିଶ୍ର, ଇଷ୍ଟେଟ୍ ଅଧିକାରୀ ମଣିରଞ୍ଜନ ପଟ୍ଟନାୟକ, ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ ସାହୁ, ନାଲକୋ ଥାନା ଅଧିକାରୀ ଗୀତାଞ୍ଜଳି ସାହୁଙ୍କ ସମେତ ସମସ୍ତ ପୂଜା ମଣ୍ଡପର କର୍ମକର୍ତ୍ତା ଓ ନାଲକୋର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଗୁରୁତର

କାମାକ୍ଷାନଗର, ୧୯।୮(ଡି.ଏନ.ଏ.): ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ମାଣ୍ଡୁକୁରାଠାରେ ସୋମବାର ଅପରାହ୍ନରେ ୨ ବାଇକ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ତୁମୁସିଙ୍ଗା ଥାନା ଧୋବାବାହାଳି ଗ୍ରାମର କପିଳ ବେହେରାଙ୍କ ପୁଅ ବିମଳ ବେହେରା (୨୩)। ଗୁରୁତରମାନେ ହେଲେ ଧୋବାବାହାଳିର କାଳିଆ ସାହୁ(୨୪), କଣ୍ଟାପାଳର ହୃଷୀକେଶ ସାହୁ(୨୪), ଖଇରପଣି ଗ୍ରାମର ମନମୋହନ ନାୟକ(୨୩)।

ପୋଲିସ କହିଛି, ବିମଳ ଓ କାଳିଆ ଏକ ବାଇକରେ ସାଆନ୍ଦାରୁ ପଣ୍ଡୁଆ ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ହୃଷୀକେଶ ଓ ମନମୋହନଙ୍କ ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ଅଁଳାବେରଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିମଳଙ୍କୁ ମୃତ ଘୋଷଣା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନ୍ୟ ଗୁରୁତରଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ତୁମୁସିଙ୍ଗା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ କେସ ନଂ. ୮୦ /୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ଦୁର୍ଘଟଣାରେ ଯୁବକ ମୃତ

ତାଳଚେର,୧୯।୮(ନି.ପ୍ର.): ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ଜଣାପଡି ନାହିଁ। ଖବର ପାଇ ତାଳଚେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଦେଇଛି। ଦୁର୍ଘଟଣା ପରେ ଟ୍ରକଟି ପଳାଇଯାଇଛି। ପୋଲିସ ତଦନ୍ତ ଚଳାଇଛି।

### ସାପ କାମୁଡ଼ାରେ ମହିଳା ମୃତ

ଆଠମଲ୍ଲିକ,୧୯।୮(ଡି.ଏନ.ଏ.): ଆଠମଲ୍ଲିକ ଥାନା ଛେପେରା ଗ୍ରାମର ଦୌପଦୀ ବୁଡ଼ାୟକ(୨୮) ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ରବିବାର ରାତିରେ ସେ ଶୋଇଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବୌଦ୍ଧ ଜିଲା ରାୟପୁର ଗ୍ରାମକୁ ଝଡ଼ାଫୁଙ୍କା ପାଇଁ ନେଇଥିଲେ। ପରେ ମଙ୍ଗଳବାର ରାତିରେ ପରିବାର ଲୋକେ ତାଙ୍କୁ ଆଠମଲ୍ଲିକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଆଠମଲ୍ଲିକ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଜନ୍ମାଷ୍ଟମୀ ପାଇଁ ପ୍ରସ୍ତୁତି ବୈଠକ

ବଇଣ୍ଡା,୧୯।୮(ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ରବିବାର ରାତିରେ ଜନ୍ମାଷ୍ଟମୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଞ୍ଜୟ ସାହୁ, ରାଜା ଶର୍ମା, ରମାକାନ୍ତ ବେହେରା, ପ୍ରତାପ ପ୍ରଧାନ, ଜିତେନ୍ଦ୍ର ବେହେରା, ଚନ ବେହେରା, ସନ୍ତୋଷ ସାହୁଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। କିଭଳି ଶାନ୍ତିଶୃଙ୍ଖଳାର ସହ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ପ୍ରକୃତି ପ୍ରତି ମହୁମାଛିର ଅବଦାନ ଗୁରୁତ୍ୱପୂର୍ଣ୍ଣ

ଛେଣ୍ଡିପଦା,୧୯।୮(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ଜରପଡା ବନାଞ୍ଚଳ ଭାଗୀରଥିପୁର ବନ ସୁରକ୍ଷା ସମିତି ସଭାଗୃହଠାରେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି (ନିଉଜ ସଙ୍ଗଠନ) ଅନୁଗୋଳ ଆନୁକୂଲ୍ୟରେ ଶନିବାର ଜାତୀୟ ମହୁମାଛି ଦିବସ ପାଳିତ ହୋଇଯାଇଛି। ସମିତି ସଭାପତି ମଣି ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଚେତନତା କର୍ମଶାଳାରେ ନିଉଜ ସଙ୍ଗଠନ ମୁଖ୍ୟ ତଥା ଓଡ଼ିଶା ଜୈବ ବିବିଧତା ବୋର୍ଡ ସଦସ୍ୟ ପ୍ରସନ୍ନ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରିବେଶ ସନ୍ତୁଳନ ରକ୍ଷା ଦିଗରେ ମହୁମାଛିର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଏଥିସହ ମହୁଚାଷ ଉପରେ ଗୁରୁତ୍ୱ ଦେଇଥିଲେ। ଆମ ଜଙ୍ଗଲ ଯୋଜନା ଟିମ ଲିଡର ଅଭୟ କୁମାର ଗାହାଣ, ଜରପଡା ବନପାଳ ଲୋକନାଥ ପ୍ରଧାନ, ଇନ୍ଦ୍ରମଣି ସାହୁ, ବିଶ୍ୱନାଥ ନାଏକ, ଆର୍ତ୍ତତ୍ରାଣ ସାହୁ, ମନୋରଞ୍ଜନ ବେହେରା ପ୍ରମୁଖ ମହୁମାଛି ଚାଷ ଉପରେ ପରାମର୍ଶ ଦେଇଥିଲେ।

■ବିଶ୍ୱ ଫଟୋଗ୍ରାଫି ଦିବସ

# ଫଟୋଗ୍ରାଫିର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ



ଫଟୋଗ୍ରାଫର ଗୋବର୍ଦ୍ଧନ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ ଅଫିସ,୧୯।୮

ଢେଙ୍କାନାଳ ଫଟୋ ଓ ଭିଡିଓ ସାମ୍ବାଦିକ ସଂଘ ପକ୍ଷରୁ ସୋମବାର ଅପରାହ୍ନ ୫ଟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଖବରକାଗଜରେ ଫଟୋଗ୍ରାଫିର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଶଶିମୌଳି ରଥ ପ୍ରମୁଖ ଯୋଗଦେଇଥିଲେ। ଅମାନୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ଫଟୋଗ୍ରାଫର ଗୋବର୍ଦ୍ଧନ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଥୟ ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ସ୍ତମ୍ଭକାର ରଣଜିତ ଗୁରୁଙ୍କ ବିୟୋଗରେ ଶୋକପ୍ରକାଶ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲ। ଶିକ୍ଷାବିତ ପ୍ରଦ୍ୟୁମ୍ନ ରଥଙ୍କ ସମେତ ବିମଳ ଥମ୍ବ, ଅମରେନ୍ଦ୍ର ଦାସ, ପ୍ରଦୀପ ସେନାପତି, ଶିଶିର ଶତପଥୀ ଓ ଦୀନେଶ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅରବିନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ଟେକ୍ନୋଲୋଜି ଶୀର୍ଷରେ ପହଞ୍ଚାଇଛି

ଢେଙ୍କାନାଳ ଅଫିସ,୧୯।୮



ଦେବସ୍ମିତା ସାହୁ

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ ପରିସରରେ ସୋମବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଯୋଗଦେଇ ଫଟୋ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ସମୟରେ ଇଣ୍ଟରନେଟ୍, ସାଟେଲାଇଟ୍ ସଂଯୋଗ, ଅଗ୍ରଣୀ ସୂଚନା ଏବଂ ଯୋଗାଯୋଗ ଟେକ୍ନୋଲୋଜି ଯୋଗୁ ଫଟୋ ସାମ୍ବାଦିକତା ଶୀର୍ଷରେ ପହଞ୍ଚିପାରିଛି। ଫଟୋକୁ ସାମ୍ବାଦିକତାର ବିଭବ ସହ ଯୋଡି ପାରିଲେ ଏହାର ଉତ୍କର୍ଷତା ଉପଯୁକ୍ତ ଭାବେ ପ୍ରତିପାଦନ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଫଟୋଗ୍ରାଫି ପ୍ରତିଯୋଗିତାରେ ଫୁଲ ଓ ପ୍ରଜାପତିର ଫଟୋ ଉଠାଇଥିବା ଓଡ଼ିଆ ସାମ୍ବାଦିକତା ପାଠକ୍ରମର ଛାତ୍ରୀ ଦେବସ୍ମିତା ସାହୁ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍

www.dharitri.com/category/selfie/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : dklselfie@gmail.com



@ ଭକ୍ତି



@ ସତୀଶ୍

## ଶିଶୁମନ୍ଦିରରେ ବିଜ୍ଞାନମେଳା



ଗଁଦିଆପାଟଣା ଶିଶୁମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା।

ଢେଙ୍କାନାଳ ଅଫିସ,୧୯।୮

ଢେଙ୍କାନାଳ ଜିଲା ଗଁଦିଆପାଟଣା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସୋମବାର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୪ର୍ଥ ଓ ୫ମ ଶ୍ରେଣୀର ୪୧ଟି, ଷଷ୍ଠ ଓ ୮ମ ଶ୍ରେଣୀର ୩୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୋଟ ୪୫୧ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ମୁଖ୍ୟଅତିଥି ସ୍ଥାନୀୟ ପୋରୁହଖୋଜର ସରପଞ୍ଚ ଶୁଭଦର୍ଶିନୀ ପରିଡା ଏହାକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ପ୍ରତାପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତିର ପୂର୍ବତନ ସମ୍ପାଦକ ଅମ୍ବୁଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ କୁମାର ରାଉତ, ଦେବରାଜ ଓଝା, ଜୟନ୍ତୀ ବାରିକ, ସୁଲୋଚନା ସେଠୀ, ଅଶୋକ କୁମାର ସାହୁ, ନିର୍ମଳଚନ୍ଦ୍ର ସାହୁ, ରବି ନାରାୟଣ ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସାହିତ୍ୟ ସଂସଦ ପକ୍ଷରୁ ହାସ୍ୟ ବିଦ୍ୟୁଷୀଙ୍କୁ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ ଅଫିସ,୧୯।୮

ବିଶିଷ୍ଟ ସାହିତ୍ୟିକା ହାସ୍ୟବିଦ୍ୟୁଷୀ ପଙ୍କଜିନୀ ଦାଶଙ୍କ ବିୟୋଗରେ ଢେଙ୍କାନାଳ ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ସୋମବାର ଅପରାହ୍ନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସଭାପତି ନିରଦାନନ୍ଦ ନନ୍ଦ ସଭାପତିତ୍ୱ କରି ଦାଶଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କର ପ୍ରତିଭା ଓ ସ୍ମୃତିକୁ ଅମ୍ଳାନ ରଖିବା ପାଇଁ ସଂସଦ ପକ୍ଷରୁ ସ୍ଥାୟୀ ଯୋଜନା କରିବା ନିମନ୍ତେ ଆଲୋଚନା ହୋଇଥିଲା। ତାଙ୍କର ଦଶାହ ତିଥିରେ ଶାନ୍ତି ଯଜ୍ଞ, ଦରିଦ୍ର ନାରାୟଣ ସେବା, ଫଟୋଚିତ୍ର ପ୍ରଦର୍ଶନୀ ଓ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାଳନ୍ଦୀ ଚରଣ ସାହୁ, ଡ. ନିରଞ୍ଜନ ଦାସ, ନିର୍ମଳା ମହାପାତ୍ର, ଅଭିମନ୍ୟୁ ସାହୁ, ଶରତମିଶ୍ର ଭରଦ୍ୱାଜ, ବେଣୁଧର ମହାରଣା, ସସ୍ମିତା ମିଶ୍ର, ନିବେଦିତା ତ୍ରିପାଠୀ, ଭବାନୀକାନ୍ତ ନନ୍ଦ, ଭରତ ହାତୀ, ମନୋରଞ୍ଜନ ସାହୁ, ଭ୍ରମରବର ହୋତା, ବିଭୁତି ଭୂଷଣ ବେହେରା ଓ ସୁଧାକର ଭାଟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଏସ୍‌ଏଚ୍‌ଜିକୁ କୁକୁଡ଼ା ପାଳନ ତାଲିମ



ଢେଙ୍କାନାଳ ଅଫିସ,୧୯।୮

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଦର ରେଞ୍ଜ୍ ଗୁଣ୍ଡିଚାପଡା ବନ ସୁରକ୍ଷା ସମିତି ପକ୍ଷରୁ କୃଷି ବିଜ୍ଞାନ କେନ୍ଦ୍ର, ଓରମାସ ସହଯୋଗରେ ସମିତିର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୁକୁଡା ପାଳନ ଏବଂ ଦକ୍ଷତାବୃଦ୍ଧି ସମ୍ପର୍କରେ ଏକ ଦିବସୀୟ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୭ଟି ସ୍ୱୟଂ ସହାୟକ ଗୋଷ୍ଠୀରୁ ୪୨ ଜଣ ସଭ୍ୟା ଯୋଗ ଦେଇଥିଲେ। ଏହି ବନ ସୁରକ୍ଷା ସମିତି ଅଧୀନରେ ୭୦ଟି ପରିବାର କୁକୁଡା ପାଳନକୁ ଜୀବିକା ଭାବେ ଗ୍ରହଣ କରିଥିବା ଜଣାଯାଇଥିଲା। ଏହି ବୃତ୍ତିକୁ ମହିଳାମାନଙ୍କର ମୁଖ୍ୟ ରୋଜଗାର ପନ୍ଥା ଭାବେ ପରିଣତ କରିବା ନିମନ୍ତେ ଓରମାସ ଉପନିର୍ଦ୍ଦେଶକ ସଞ୍ଜୀବ କୁମାର ମହାନ୍ତି ଗ୍ରାମରେ ଦୁଇଟି କୁକୁଡା ଓ ଅଣ୍ଡା ଉତ୍ପାଦକ ଗୋଷ୍ଠୀ ଗଠନ କରାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ପ୍ରାଣୀ ବୈଜ୍ଞାନିକ ଡ. ରୋସନିବାଳା ନାୟକ କୁକୁଡା ଚାଷ ସମ୍ବନ୍ଧୀୟ ଆଧୁନିକ ବ୍ୟବସ୍ଥା, ଉନ୍ନତ କିସମ ଓ ରୋଗ ନିୟନ୍ତ୍ରଣ ପଦ୍ଧତି ଉପରେ ତାଲିମ ଦେଇଥିଲେ। ବନାୟନ ଯୋଜନାର ତପନ ମହାନ୍ତି, ଟିମ୍ ଲିଡର ଜ୍ୟୋତି ରଞ୍ଜନ ସାହୁ, ବନାଞ୍ଚଳ ସଂଯୋଜକ ସୌମ୍ୟରଞ୍ଜନ ପଟ୍ଟନାୟକ, ବନରକ୍ଷୀ ଉପମା ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶ୍ରୀଖରଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆତ୍ମବିଶ୍ୱାସ ବୃଦ୍ଧି ସଚେତନତା

ଢେଙ୍କାନାଳ ଅଫିସ,୧୯।୮

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଚନ୍ଦ୍ରଶେଖର ସରକାରୀ ଉପ୍ରା ବିଦ୍ୟାଳୟ, ବିଶ୍ୱନାଥପୁରରେ ଆତ୍ମବିଶ୍ୱାସ ବୃଦ୍ଧି ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁଅ ଓ ଝିଅ ଭିତରେ ଭେଦଭାବ ଦୂର ସହ ଆତ୍ମ ବିଶ୍ୱାସ ସୃଷ୍ଟି, ସବୁ ପ୍ରକାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଆଦି ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଶିକ୍ଷକ ରଞ୍ଜନ ନାୟକ, କୃଷ୍ଣ ରଞ୍ଜନ ନାଏକ, ଅନନ୍ତ ଚରଣ ମିଶ୍ର ସହଯୋଗ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିମୟୀ ନାଥ ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜେଲଦଣ୍ଡ

ଅନୁଗୋଳ ଅଫିସ,୧୯।୮

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ତୁବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଞ୍ଚାନନ ସାହୁଙ୍କୁ ଲାଞ୍ଚ ନେବା ଅଭିଯୋଗରେ ସୋମବାର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛି। ଅନୁଗୋଳ ଆଡିସିନାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ ଜଜ୍ କମ୍ ସ୍ପେଶାଲ ଜଜ୍ ଭିଜିଲାନ୍ସ ରୂପଶ୍ରୀ ଚୌଧୁରୀ ଏହି ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୋଟ ୬ ଜଣଙ୍କ ସାକ୍ଷ୍ୟ ଓ ଭିଜିଲାନ୍ସ ଦ୍ୱାରା ଜବତ ହୋଇଥିବା ଟଙ୍କାକୁ ଭିତ୍ତି କରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏକ ଇନ୍ଦିରାଆବାସ ଘର ଦେବାକୁ କହି ହିତାଧିକାରୀଙ୍କଠାରୁ ନିର୍ବାହୀ ଅଧିକାରୀ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏପରି କି ସେ ସାନ୍ତରାପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବାରୁ ସେଠାରେ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କ ଠାରୁ ଟଙ୍କା ଜବତ କରିବା ସହ ମାମଲା ରୁଜୁ କରିଥିଲେ।

## ଓଡ଼ିଶା ଲେଖିକା ସଂସଦର ସାହିତ୍ୟ ସମାରୋହ



ସାହିତ୍ୟ ସମାରୋହରେ ଯୋଗ ଦେଇଥିବା ଲେଖିକା ଓ ଅନ୍ୟମାନେ।

ଢେଙ୍କାନାଳ ଅଫିସ,୧୯।୮

ଢେଙ୍କାନାଳ ଶାଣ୍ଡିଲ୍ୟ ବସନ୍ତ ଭବନ ଜିଲା ଲେଖକ ସଂସଦ ପରିସରରେ ରବିବାର ଆବାହିକା ସୁକାନ୍ତି ସାହୁଙ୍କ ସଭାପତିତ୍ୱରେ ଲେଖିକା ସଂସଦର ମାସିକିଆ ସାରସ୍ୱତ ସମାରୋହ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ହାସ୍ୟବିଦ୍ୟୁଷୀ ପଙ୍କଜିନୀ ଦାଶଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ପ୍ରଥମେ ପ୍ରାଧାପିକା ଡ. ମାନସୀ କର ଓ ସମ୍ମାନିତ ଅତିଥି କବିତାମୟୀ ସର ନାରୀ ସଶକ୍ତୀକରଣ ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତାଭାବରେ ଶିକ୍ଷୟିତ୍ରୀ ମଞ୍ଜୁଳା ହୋତା ବିବରଣୀ ପାଠ କରିଥିଲେ। ବୈଜୟନ୍ତୀ ପଟ୍ଟନାୟକ, ସରିତା ପାଟସାହାଣୀ, ବିଷ୍ଣୁପ୍ରିୟା ରଥ, ସଂଯୁକ୍ତା ଶରଣ, ପ୍ରଭାତି ମହାପାତ୍ର, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ନାଥ, ଗୌରୀ ଦେଇ, ସଂଯୁକ୍ତା ସାହୁ ଉପସ୍ଥିତ ରହି ନାରୀର ଭୂମିକା ଉପରେ ଆଲୋଚନାରେ ଭାଗ ନେଇଥିଲେ। ପ୍ରଭାତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପଙ୍କଜିନୀଙ୍କ ରଚନା ସର୍ବତ୍ର ଆଦୃତ ଥିଲା

ଢେଙ୍କାନାଳ ଅଫିସ,୧୯।୮

ଢେଙ୍କାନାଳର ବିଶିଷ୍ଟ ସାହିତ୍ୟିକା କବି ହାସ୍ୟବିଦ୍ୟୁଷୀ ପଙ୍କଜିନୀ ଦାଶଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଭାଜପା ପକ୍ଷରୁ ରାଜ୍ୟ ସଭା ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣି, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ଉପସଭାପତି ନବକିଶୋର ଗୁରୁ ପ୍ରମୁଖ ଶୋକପ୍ରକାଶ କରି କହିଲେ ଯେ, ପଙ୍କଜିନୀ ଦାଶ ଢେଙ୍କାନାଳ ସାହିତ୍ୟ ଜଗତର ବରପୁତ୍ରୀ ଥିଲେ। ତାଙ୍କଦ୍ୱାରା ରଚିତ ଗଳ୍ପ, ପ୍ରବନ୍ଧ, ହାସ୍ୟାରସାତ୍ମକ ରଚନା ବେଶ ଉଚ୍ଚକୋଟୀର ଓ ସମଗ୍ର ରାଜ୍ୟରେ ଆଦୃତ ଥିଲା। ତାଙ୍କ ବିୟୋଗ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି। ସେହିପରି ଜିଲା ଲେଖକ ସଂସଦ ପକ୍ଷରୁ ସୋମବାର ସଂସଦର ସମ୍ମିଳନୀ କକ୍ଷରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ବୈକୁଣ୍ଠନାଥ ବେହେରା, ସୁକାନ୍ତ ବରାଳ, ବସନ୍ତ କୁମାର ପଟ୍ଟନାୟକ, କୃଷ୍ଣ ମୋହନ ସାହୁ, କାଳନ୍ଦୀ ଚରଣ ସାହୁ, ତରୁଣ କୁମାର ବିଶ୍ୱାଳ, ଅଞ୍ଜନ ସାହୁ, ପ୍ରକାଶ କୁମାର ପଟ୍ଟନାୟକ, ସଂଯୁକ୍ତା ଶରଣ, ମାନସୀ କର, ବୈଜୟନ୍ତୀ ପଟ୍ଟନାୟକ, ସୁକାନ୍ତି ସାହୁ, ପ୍ରଭାତି ମହାପାତ୍ର, ରୁଦ୍ର ପ୍ରସାଦ ମହାପାତ୍ର, ବିଷ୍ଣୁପ୍ରିୟା ରଥ, କବିତାମୟୀ ସର, ଜ୍ୟୋତିର୍ମୟୀ ନାଥ, ବାହାଦୂର ପାଟସାହାଣୀ, ଉପେନ୍ଦ୍ର ରାଉତ, ସରିତା ପାଟସାହାଣୀ, ଗଗନ ବିହାରୀ ନନ୍ଦ ଓ ସାରଙ୍ଗଧର ମିଶ୍ର ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ।

■ଓଡ଼ାପଡା ବ୍ଲକରେ ଜନଶୁଣାଣି ଶିବିର

## ୧୪୧ ଅଭିଯୋଗର ସମାଧାନ

ଢେଙ୍କାନାଳ ଅଫିସ,୧୯।୮

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅଫିସ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ସହିତ ଇନ୍ଦିରା ଆବାସ, ବିଜୁ ପକ୍କାଘର, ପୋଲିସ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ସମସ୍ୟା ବାବଦରେ ୧୭୩ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୪୧ଟିର ସମାଧାନ କରାଯାଇଥିଲା ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଅନୁଦାନ ପ୍ରଦାନ କରାଯାଇଥିଲା। ୪ ଜଣଙ୍କୁ ଜୀବନ ଜୀବିକା ଓ ଚିକିତ୍ସା ବାବଦରେ ରେଡକ୍ରସ ସହାୟତା ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଏସ୍‌ପି ଅନୁପମା ଜେମ୍‌ସ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା କୃଷି ଉପନିର୍ଦ୍ଦେଶକ ଛବିନ୍ଦ୍ର ବେହେରା, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଜିଲା ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର କୁମାର ହୋତା, ଓଡ଼ାପଡ଼ା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ତହସିଲଦାର ବିଣା ନିବେଦିତା ସ୍ୱାଇଁ, ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟ ଜରୁରୀ ଆପାତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ପିଜି ସେଲ ଆସିଷ୍ଟାଣ୍ଟ କଲେକ୍ଟର ସିତାଂଶୁ ଶେଖର ଦାସ ଓ ଅଧିକାରୀ ଲଲାଟ କେଶରୀ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।



ଓଡାପଡା ବ୍ଲକରେ ଜନ ଅଭିଯୋଗ ଶୁଣାଣି ଶିବିର।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୨୦ ଅଗଷ୍ଟ /୨୦୧୯, Dhenkanal, Tuesday August 20 / 2019

# ଗ୍ୟାସ ଟାଙ୍କି ଫାଟି ମହିଳା ଗୁରୁତର

**ଅନୁଗୋଳ ଅଫିସ,୧୯।୮**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ରଜନୀପାଳ ଗ୍ରାମରେ ଗ୍ୟାସ ଟାଙ୍କି ଫାଟି ଅଞ୍ଜଳି ନାୟକ ନାମକ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ରୋଷେଇ କରୁଥିବାବେଳେ ହଠାତ୍ ଗ୍ୟାସ ଟାଙ୍କି ଫାଟିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି।







■ବିଶ୍ୱ ଫଟୋଗ୍ରାଫି ଦିବସରେ ଆହ୍ୱାନ

# ‘ଅନୁଗୋଳ ପ୍ରକୃତିର ପ୍ରଚାର ପ୍ରସାର ହେଉ’



ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଉଛି।

**ଅନୁଗୋଳ ଅଫିସ, ୧୯।୮**

ଫଟୋଗ୍ରାଫି ଏକ ଶକ୍ତିଶାଳୀ ମାଧ୍ୟମ। ଏହା ସମାଜର ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥା ଉପରେ ପ୍ରଭାବ ପକାଇଥାଏ। ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ଫଟୋଗ୍ରାଫି ଦିବସ ଓ ଅନୁଗୋଳ ଫୋଟୋଗ୍ରାଫର ଆସୋସିଏଶନର ଷଷ୍ଠ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଏହି ମତ ରଖିଛନ୍ତି। ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଶତପଥୀ କହିଥିଲେ ଯେ, ଅନୁଗୋଳରେ ସବୁଜିମା ଓ ପ୍ରକୃତି ଭରି ରହିଛି। ଏଣୁ ଫଟୋଗ୍ରାଫି ମାଧ୍ୟମରେ ଏହାର ଆହୁରି ଅଧିକ ପ୍ରଚାର ପ୍ରସାର କରାଯାଇପାରିବ। ଫଟୋଗ୍ରାଫର ଆସୋସିଏଶନ ସଭାପତି ଦିଲୀପ ଧୀରସାମନ୍ତଙ୍କ ଅଧ୍ୟକ୍ଷତାରେ ୱାଇଲ୍ଡ ଲାଇଫ ଫଟୋଗ୍ରାଫର ତଥା ଅବସରପ୍ରାପ୍ତ ବନ ଅଧିକାରୀ କମଳଲୋଚନ ପୁରୋହିତ, ଯୁବ ଫିଲ୍ମ ମେକର ଅମୃତେନ୍ଦୁ ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୱାଇଲ୍ଡ ଲାଇଫ ଫଟୋଗ୍ରାଫି କରିବାକୁ ହେଲେ ଧୈର୍ଯ୍ୟ ସହ ବନ୍ୟଜନ୍ତୁଙ୍କ ବ୍ୟବହାର ସମ୍ପର୍କରେ ପ୍ରଥମେ ଜାଣିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସଂଘ ଉପଦେଷ୍ଟା ତଥା ଆଇନଜୀବୀ ଭୁପେଶ ଚନ୍ଦ୍ର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ବରିଷ୍ଠ ଫଟୋଗ୍ରାଫର ଜୟକୃଷ୍ଣ ପାତ୍ର ଯୋଗଦେଇଥିଲେ। ସଂଘ ଉପସଭାପତି ଅନନ୍ତ କୁମାର ନାୟକ, ସହ ସମ୍ପାଦକ ଅମ୍ବିକା ପ୍ରସାଦ ଦାସ ଓ କୋଷାଧ୍ୟକ୍ଷ ଛବିଳ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜିଲାର ସମସ୍ତ ଫଟୋଗ୍ରାଫର ଓ ସୌଖୀନ ଫଟୋଗ୍ରାଫର ଡ. ପି.କେ. ସାହୁ, ଆଶିଷ ଧୀର ସାମିଲ ହୋଇଥିଲେ। ସମ୍ପାଦକ ସଂଗ୍ରାମ ରଞ୍ଜନ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନ ନାଗରିକ ସୁସ୍ଥତା ଆଣିପାରିବେ

**ଅନୁଗୋଳ ଅଫିସ,୧୯।୮**



## ସ୍ୱଚ୍ଛତା ପକ୍ଷର ଉଦ୍‌ଯାପନୀ ଦିବସ

ଅନୁଗୋଳର ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ପନ୍ଦନ ପକ୍ଷରୁ ଓ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଅଗଷ୍ଟ ୧ରୁ ୧୫ ଦିନ ଧରି ଚାଲିଥିବା ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ ହୋଇଯାଇଛି। ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ଅଫିସ ସଭା ଗୃହଠାରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଦିବସକୁ ବଳରାମପ୍ରସାଦ ସରପଞ୍ଚ ମଧୁଛନ୍ଦା ସାହୁ ଉଦ୍‌ଘାଟନ କରିଥିଲେ। ନାଲ୍‌କୋ ହସ୍‌ପିଟାଲ ଡାକ୍ତର ଲୋକନାଥ ପାତ୍ର ଅତିଥି ଭାବେ ଯୋଗ ଦେଇ ସ୍ୱଚ୍ଛତା ବିଷୟରେ ବର୍ଣ୍ଣନା କରିଥିଲେ। ଏଥିସହ ସ୍ୱଚ୍ଛତାକୁ ଆପଣାଇଲେ ବିଭିନ୍ନ ରୋଗ ଠାରୁ ମୁକ୍ତି ପାଇବା ବୋଲି ଦର୍ଶାଇଥିଲେ।

ଆଲୁମିନିୟମ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ଶରତ ଚନ୍ଦ୍ର ବିଶ୍ୱାଳ ଶୌଚାଳୟ ବ୍ୟବହାରର ଉପକାରିତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଦିବ୍ୟଜୀବନ ଉଚ୍ଚ ବିଦ୍ୟାଳୟ କାଣ୍ଡସରର ପ୍ରଧାନ ଶିକ୍ଷକ ଗନ୍ଧର୍ବ ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସଚେତନତାର ସୁପ୍ରଭାବ ଓ ସାମାଜିକ ଅନୁଷ୍ଠାନମାନଙ୍କ ଭୂମିକା ତଥା କାର୍ଯ୍ୟଶୈଳୀ, ପ୍ରୋତ୍ସାହନ, ସରକାରୀ ଓ ବେସରକାରୀ ସହାୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ବଳରାମପ୍ରସାଦ ସରପଞ୍ଚ ମଧୁଛନ୍ଦା ସାହୁ ସଚେତନ ନାଗରିକମାନଙ୍କ ଭୂମିକା ହିଁ ସ୍ୱଚ୍ଛ ଓ ସୁସ୍ଥ ଦେଶ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ମତ ରଖିଥିଲେ। କାଣ୍ଡସର ସରପଞ୍ଚ ଦୁର୍ଯ୍ୟୋଧନ ମୁଦୁଲି ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ନେହେରୁ ଯୁବକେନ୍ଦ୍ର ଅନୁଗୋଳର କାର୍ଯ୍ୟକର୍ତ୍ତା ହେମାଳିନୀ ଜେନା, ସ୍ପନ୍ଦନ ସଦସ୍ୟ ବିଭୁ ଶତପଥୀ, ବିଶ୍ୱନାଥ ମହାପାତ୍ର, ଦୁର୍ଯ୍ୟୋଧନ ସାହୁ, ଅଜିତ କୁମାର ସାହୁ, ଶୁଭାଶିଷ ସାମଲ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଦୀପକ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ନାବାଳିକାଙ୍କୁ ବଳାତ୍କାର, ଥାନାରେ ମାମଲା

**ଭୁବନ,୧୯।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଭୁବନ ଥାନା ଅଞ୍ଚଳର ଅରୁଣ ନାଏକ ବଳାତ୍କାର କରିଥିବା ନେଇ ରବିବାର ଭୁବନ ଥାନାରେ ଅଭିଯୋଗ ହୋଇଛି।

ନାବାଳିକା ଜଣକ ଭୁବନ ଥାନା ଅଞ୍ଚଳକୁ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଅରୁଣ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୧୯୧/୧୯ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ କହିଛି।

# ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ

**ବଇଣ୍ଡା,୧୯।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ୫୫ ନଂ. ଜାତୀୟ ରାଜପଥର କଦଳୀମୁଣ୍ଡା ନିକଟରେ ସୋମବାର ବଇଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ଗାଡ଼ି ମୋଟରଗୁଡ଼ିକକୁ ଅଟକାଇ ହେଲମେଟ, କାଗଜପତ୍ର, ଇନସୁରାନ୍ସ ଯାଞ୍ଚ କରାଯାଇଥିଲା। ଏଥିରେ ୨୮ଟି ମାମଲା ରୁଜୁ କରାଯାଇ ୨୮୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ବଇଣ୍ଡା ଫାଣ୍ଡି ଅଧିକାରୀ ଆର୍‌ପି ବିଶ୍ୱାଳ ଯାଞ୍ଚ କରିଥିଲେ।

# ବଜ୍ରପାତରେ ଜଳିଗଲା ଦୋକାନ

**ବଇଣ୍ଡା,୧୯।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ଛକଠାରୁ ଅଳ୍ପ ଦୂରରେ ଥିବା କନ୍ଦର୍ପ ପ୍ରଧାନଙ୍କ ଦୋକାନରେ ଶନିବାର ବିଳମ୍ବିତ ରାତିରେ ବଜ୍ରପାତ ଘଟିଛି। ଏଥିଯୋଗୁ ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିସହ ଫ୍ରିଜ, ପଙ୍ଖା, ଦୋକାନ ସରଞ୍ଜାମ ଆଦି ସାମଗ୍ରୀ ପୋଡ଼ି ଯାଇଛି। ସୋମବାର ବାମୁର ରାଜସ୍ୱ ନୀରିକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ପ୍ରଶାସନ ତରଫରୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ